
# ପାଠ-୨୦ ତଥ୍ୟ ଜାଣିବା ଓ ତହିଁରୁ ସିଦ୍ଧାନ୍ତ କରିବା

ଗୋଟିଏ ଚିଡ଼ିଆଖାନାରେ ଥିବା ପଶୁଙ୍କ ସଂଖ୍ୟା ତଳେ ଥିବା ଚିତ୍ରଲେଖରେ ଦିଆଯାଇଛି ।




୧୦ଟି ପଶୁ ପାଇଁ ଗୋଟିଏ '△' ଚିତ୍ର ନିଆଯାଇଛି ।

ବାଘ ସଂଖ୍ୟାକୁ ତିନୋଟି '△' ଚିତ୍ରରେ ସୂଚାଯାଇଛି, ଅର୍ଥାତ୍ ବାଘ ସଂଖ୍ୟା = ୧୦ × ୩ = ୩୦

☞ ଚିତ୍ରଲେଖ ଦେଖି ଉତ୍ତର କହ ଓ ଲେଖ ।

(କ) କେଉଁ ପଶୁଙ୍କ ସଂଖ୍ୟା ସର୍ବାଧିକ ?

(ଖ) କେଉଁ ପଶୁଙ୍କ ସଂଖ୍ୟା ସର୍ବନିମ୍ନ ?

(ଗ) ହରିଣଙ୍କ ସଂଖ୍ୟା ଦର୍ଶାଇବା ପାଇଁ କେତୋଟି '△' ନିଆଯାଇଛି ?

(ଘ) ଚିଡ଼ିଆଖାନାରେ କେତୋଟି ହରିଣ ଅଛନ୍ତି ?

(ଙ) ଠେକୁଆଙ୍କ ସଂଖ୍ୟା ଦର୍ଶାଇବା ପାଇଁ କେତୋଟି '△' ନିଆଯାଇଛି ?

(ଚ) ଚିଡ଼ିଆଖାନାରେ କେତୋଟି ଠେକୁଆ ଅଛନ୍ତି ?

(ଛ) ହରିଣଙ୍କ ଅପେକ୍ଷା ଠେକୁଆଙ୍କ ପାଇଁ କେତୋଟି ଅଧିକ '△' ନିଆଯାଇଛି ?

(ଛ) ଚିଡ଼ିଆଖାନାରେ ହରିଣଙ୍କ ସଂଖ୍ୟା ଠାରୁ ଠେକୁଆଙ୍କ ସଂଖ୍ୟା କେତେ ଅଧିକ ?


• ଗୋଟିଏ ଦୋକାନରେ ସାତଦିନରେ ବିକ୍ରି ହୋଇଥିବା କଣ୍ଢେଇର ପରିମାଣ ଟାଲି ଚିହ୍ନରେ ଦିଆଯାଇଛି । ଟାଲିଚିହ୍ନଗୁଡ଼ିକୁ ଗଣି ସାରଣୀ ପୂରଣ କର ।

| ବାରର ନାମ | ବିକ୍ରି ହୋଇଥିବା କଣ୍ଢେଇର ସଂଖ୍ୟା (ଟାଲି ଚିହ୍ନରେ) | ବିକ୍ରି ହୋଇଥିବା କଣ୍ଢେଇ ସଂଖ୍ୟା | ୫ଟି କଣ୍ଢେଇ ପାଇଁ ଗୋଟିଏ 𝍸 ଚିତ୍ର ଦେଲେ ଆବଶ୍ୟକ 𝍸 ସଂଖ୍ୟା |
|---|---|---|---|
| ରବିବାର | 𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷 | ୨୫ | 𝍸 𝍸 𝍸 𝍸 𝍸 |
| ସୋମବାର | 𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷 | | |
| ମଙ୍ଗଳବାର | 𝍷𝍷𝍷𝍷𝍷𝍷𝍷𝍷𝍷𝍷 | | |
| ବୁଧବାର | 𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷 | | |
| ଗୁରୁବାର | 𝍷𝍷𝍷𝍷𝍷𝍷𝍷𝍷𝍷 | | |
| ଶୁକ୍ରବାର | 𝍷𝍷𝍷𝍷𝍷 | | |
| ଶନିବାର | 𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷𝍷 | | |

ପ୍ରତି ୫ଟି କଣ୍ଢେଇ ପାଇଁ ଗୋଟିଏ  ଚିତ୍ର ନେଇ ଦୋକାନରେ ବିଭିନ୍ନ ଦିନରେ ବିକ୍ରି ହୋଇଥିବା କଣ୍ଢେଇ ସଂଖ୍ୟାକୁ ଚିତ୍ର ଲେଖରେ ଦର୍ଶାଅ ।



- ସଲିମ୍ ବିଭିନ୍ନ ଦେଶର ଡାକଟିକଟ ସଂଗ୍ରହ କରିଥିଲା । ସଂଗୃହୀତ ଡାକଟିକଟଗୁଡ଼ିକର ସଂଖ୍ୟାକୁ ନିମ୍ନ ଚିତ୍ରଲେଖରେ ଦର୍ଶାଯାଇଛି ।




ଉପରିସ୍ଥ ଚିତ୍ରଲେଖରେ ୩ଟି ଡାକଟିକଟ ପାଇଁ ଗୋଟିଏ ' ● ' ନିଆଯାଇଛି । ଉପର ଚିତ୍ରଲେଖକୁ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ସଲିମ୍ କେତୋଟି ରୁଷିଆର ଡାକଟିକଟ ସଂଗ୍ରହ କରିଥିଲା ? ☐


(ଖ) ସଲିମ୍ କେତୋଟି ଶ୍ରୀଲଙ୍କାର ଡାକଟିକଟ ସଂଗ୍ରହ କରିଥିଲା ? ☐

(ଗ) ସଲିମ୍ ସଂଗ୍ରହ କରିଥିବା ଡାକଟିକଟଗୁଡ଼ିକ ମଧ୍ୟରୁ ନେପାଳ ଓ ଆମେରିକାର ଡାକଟିକଟ ସଂଖ୍ୟା ମିଶିଲେ ଅନ୍ୟ କେଉଁ ଦେଶର ଡାକଟିକଟ ସଂଖ୍ୟା ସହ ସମାନ ହେବ ? ☐

(ଘ) ସଲିମ୍ ଯେଉଁ ଦେଶର ଡାକଟିକଟ ସବୁଠାରୁ ବେଶୀ ସଂଖ୍ୟାରେ ସଂଗ୍ରହ କରିଛି ଓ ଯେଉଁ ଦେଶର ଡାକଟିକଟ ସବୁଠାରୁ କମ୍ ସଂଖ୍ୟାରେ ସଂଗ୍ରହ କରିଛି, ସେହି ଦେଶଦ୍ୱୟର ସଂଗୃହୀତ ଡାକଟିକଟ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ କେତେ ? ☐

(ଙ) ଯଦି ସଂଗ୍ରହ କରାଯାଇଥିବା ଶ୍ରୀଲଙ୍କାର ପ୍ରତ୍ୟେକ ଡାକଟିକଟର ମୂଲ୍ୟ ୮ ଟଙ୍କା ହୁଏ, ତେବେ ସେହି ଦେଶର ସଂଗୃହୀତ ଡାକଟିକଟର ମୋଟ୍ ମୂଲ୍ୟ କେତେ ହେବ ? ☐

• ଗୋଟିଏ ସପ୍ତାହରେ ୬ ଜଣ ବହି ବ୍ୟବସାୟୀ ବିକିଥିବା ବହିର ସଂଖ୍ୟାକୁ ତଳ ଚିତ୍ରଲେଖରେ ଦିଆଯାଇଛି ।




(କ)ବିକ୍ରି ହୋଇଥିବା ୧୦୦ ଖଣ୍ଡ ବହି ପାଇଁ ଗୋଟିଏ ' ' ଛବି ନିଆଯାଇଛି । ଚିତ୍ରଲେଖ ଦେଖି ଦୋକାନୀ ବିକିଥିବା ବହିସଂଖ୍ୟାକୁ ସାରଣୀରେ ଦର୍ଶାଅ ।

| ଦୋକାନୀର ନାମ | ଚିତ୍ରଲେଖରେ ଥିବା ଛବି ସଂଖ୍ୟା | ବିକ୍ରିହୋଇଥିବା ବହିସଂଖ୍ୟା |
|---|---|---|
| | | |
| | | |
| | | |
| | | |
| | | |
| | | |


(ଖ) ସେହି ସପ୍ତାହରେ କିଏ ସବୁଠାରୁ ଅଧିକ ସଂଖ୍ୟକ ବହି ବିକ୍ରି କରିଥିଲା ? ______________

(ଗ) ଅଧିକରୁ କମ୍ ବିକ୍ରି ହୋଇଥିବା ବହି ସଂଖ୍ୟା ଅନୁଯାୟୀ ବ୍ୟବସାୟୀମାନଙ୍କ ନାମକୁ କ୍ରମରେ ଲେଖ ।

______________________________

# ଅଭ୍ୟାସ କାର୍ଯ୍ୟ

୧. ଘର ଗୁଡ଼ିକରେ ଥିବା ପ୍ରତ୍ୟେକ ଚିତ୍ର ୫ଟି ବସ୍ତୁକୁ ବୁଝାଏ । ପ୍ରତ୍ୟେକ ଘରେ ଥିବା ଚିତ୍ରଗୁଡ଼ିକ କେତୋଟି ବସ୍ତୁକୁ ବୁଝାଏ ତାହା ଡାହାଣ ପାଖ ଘରେ ଲେଖ ।

| ଚିତ୍ର | ସଂଖ୍ୟା |
|---|---|
|  | |
|  | |
|  | |
|  | |
|  | |
|  | |
|  | |
|  | |

୨. ଗୋଟିଏ ବିଦ୍ୟାଳୟର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟରେ ଭାଗ ନେଇଥିବା ପିଲାଙ୍କ ସଂଖ୍ୟା ଏହି ସାରଣୀରେ ଦିଆଯାଇଛି ।

| କାର୍ଯ୍ୟର ନାମ | କାର୍ଯ୍ୟରେ ଭାଗ ନେଇଥିବା ପିଲାସଂଖ୍ୟା |
|---|---|
| ସ୍କୁଲ ହତା ସଫେଇ | ୫୨ |
| ଶ୍ରେଣୀଗୃହ ପରିଷ୍କାର କରିବା | ୩୬ |
| ମିଷ୍ଟାନ୍ନ ବଣ୍ଟନ | ୧୬ |
| ସାଂସ୍କୃତିକ କାର୍ଯ୍ୟକ୍ରମ | ୨୪ |
| କ୍ରୀଡା ପ୍ରତିଯୋଗିତା | ୨୮ |

ଗୋଟିଏ ଚିତ୍ରଲେଖ ଅଙ୍କନ କଲାବେଳେ, ୪ଜଣ ପିଲାଙ୍କ ପାଇଁ ଗୋଟିଏ △ ଚିତ୍ର ଦର୍ଶାଇବା ।

ଉପରିସ୍ଥ ସାରଣୀ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ସ୍କୁଲ ହତା ସଫେଇ କାମ କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଖ) ଶ୍ରେଣୀଗୃହ ଗୁଡ଼ିକ ପରିଷ୍କାର କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଗ) ମିଷ୍ଟାନ୍ନବଣ୍ଟନ କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଘ) ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?


(ଙ) କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଚ) କେଉଁ କାର୍ଯ୍ୟରେ ସବୁଠାରୁ ଅଧିକ ସଂଖ୍ୟକ ପିଲା ଅଂଶଗ୍ରହଣ କରିଥିଲେ ?

(ଛ) କେଉଁ କାର୍ଯ୍ୟରେ ସବୁଠାରୁ କମ୍ ପିଲା ଅଂଶଗ୍ରହଣ କରିଥିଲେ ?

(ଜ) ୪ଜଣ ପିଲାଙ୍କ ପାଇଁ ଗୋଟିଏ △ ବ୍ୟବହାର କରି ଏହି ସାରଣୀରେ ଦିଆଯାଇଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର ?

୩. ସୁରେଶ ଗୋଟିଏ ସପ୍ତାହର ବିଭିନ୍ନ ଦିନରେ ଖର୍ଚ୍ଚ କରିଥିବା ଟଙ୍କାର ପରିମାଣକୁ ଚିତ୍ରଲେଖରେ ଦିଆଯାଇଛି । ଏହାକୁ ଲକ୍ଷ୍ୟ କର ।




ଏଠାରେ ଟ. ୧୨.୦୦ ପାଇଁ ଗୋଟିଏ '⊕' ନିଆଯାଇଛି ।

ଚିତ୍ରଲେଖ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଖାଲି କୋଠରିରେ ଲେଖ ।

(କ) ସୁରେଶ ସୋମବାର ଦିନ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

(ଖ) ସୁରେଶ ମଙ୍ଗଳବାର ଓ ବୁଧବାର ଦିନ ମୋଟ୍ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

(ଗ) ସୁରେଶ ଶୁକ୍ର ଓ ଶନିବାର ଦିନ ମୋଟ୍ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

(ଘ) ସୁରେଶ ସେହି ସପ୍ତାହରେ ମୋଟ୍ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

୪. ସାରଣୀରେ ଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର (୬ଟି ପିଲାଙ୍କ ପାଇଁ ଗୋଟିଏ ଚିତ୍ର ନେବ) ।

| ଶ୍ରେଣୀ | ପ୍ରଥମ | ଦ୍ୱିତୀୟ | ତୃତୀୟ | ଚତୁର୍ଥ | ପଞ୍ଚମ |
|---|---|---|---|---|---|
| ପିଲାସଂଖ୍ୟା | ୧୮ | ୩୦ | ୨୪ | ୧୨ | ୨୪ |

୫. ଗୋଟିଏ ଦୋକାନରେ ଗୋଟିଏ ମାସରେ ବିକ୍ରି ହୋଇଥିବା ସାମଗ୍ରୀଗୁଡ଼ିକର ପରିମାଣକୁ ନିମ୍ନ ସାରଣୀରେ ଦର୍ଶାଯାଇଛି । ସାରଣୀଟିରେ ଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର ।

| ସାମଗ୍ରୀର ନାମ | ବିକ୍ରି ପରିମାଣ |
|---|---|
| ଚାଉଳ | ୪୫୦୦ କି.ଗ୍ରା |
| ଡାଲି | ୫୦୦ କି.ଗ୍ରା |
| ଅଟା | ୨୦୦୦ କି.ଗ୍ରା |
| ଆଳୁ | ୧୫୦୦ କି.ଗ୍ରା |
| ଲୁଣ | ୧୦୦୦ କି.ଗ୍ରା |

୬. ଗୋଟିଏ ଦୋକାନୀ ଏକ ସପ୍ତାହରେ ବିକ୍ରି କରିଥିବା କ୍ଷୀରପ୍ୟାକେଟ୍ ସମ୍ବନ୍ଧୀୟ ତଥ୍ୟ ନିମ୍ନ ସାରଣୀରେ ଦିଆଯାଇଛି । ସାରଣୀରେ ଦିଆଯାଇଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର ।

| ବାରର ନାମ | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର | ରବିବାର |
|---|---|---|---|---|---|---|---|
| କ୍ଷୀର ପ୍ୟାକେଟ୍ ସଂଖ୍ୟା | ୧୮ | ୬ | ୧୨ | ୨୪ | ୧୨ | ୧୮ | ୩୦ |

ତୁମେ ତିଆରି କରିଥିବା ଚିତ୍ରଲେଖ, ତୁମ ସାଙ୍ଗମାନଙ୍କର ଚିତ୍ରଲେଖ ସହ ସମାନ ହେଉଛି କି ?

ଯଦି ନ ହେଉଛି ତା'ର କାରଣ କ'ଣ ?